# ବାକି

ବାକି କଣ ରହନ୍ତା କି ?
ମଲା ଦେହଟାରେ ଜଞ୍ଜାଳ
ଉଜୁଡା ଅନ୍ଧାରରେ ସକାଳ
ଗର୍ଭବତୀ ନାରୀରେ କୁମାରୀତ୍ୱ
ବୁଢୀଆଣି ଜାଲରେ ଜୀବତତ୍ତ୍ୱ ॥୧

ଯଦିଓ
ଉଧାରୀ ମାନେ ହିଁ ଗରିବ
ଚୁମାଦିଆ ମଣିଷଟି ପ୍ରେମିକ
ଦଂଶୁଥିବା ମୁହୂର୍ତ୍ତ ମାନେ ହିଁ ବିଫଳ
ଠାର୍ ମାରୁଥିବା ଗଛରେ ବିଷଫଳ ॥୨

ତଥାପି
ସିଗାରେଟ ଧୂଆଁରେ କେବେ
ମାପି ହୁଏନି ଆକାଶର ପରୀସିମା
ମେଘ ଢାଙ୍କିଦେଲେ କେବେ
ଥକା ଖାଏନି ସୂର୍ଯ୍ୟର ଆୟୁସ
ତୃଷା ମେଣ୍ଟିଗଲେ କେବେ
ମରେନି ମରିଚୀକାର ନିଶା ॥୩

ବାକି ରଖି ପାରିଲିନି ଏଣୁ
ବନ୍ଧ୍ୟାନାରୀ ପେଟ ଆଉଁସି
ମାତୃତ୍ୱର ଗାରିମା ଶୁଣେଇଲି
ଛାଇମାନଙ୍କୁ ଶବ୍ଦ କରି
ବଞ୍ଚିବାର ମନ୍ତ୍ର ଯୋଖିଲି
ପୁରୁଣା ପାଞ୍ଜିର ତିଥିରେ
ଏକ୍ଲାପଣ ଗୁଜୁରେଇଲି
ଉଧାରୀ ଖାତା କାଟ ଖାଇଲା ପରେ
ଆଉ ବାକି କଣ ରହନ୍ତା କି ଯେ
ବାକି ରହନ୍ତା ॥୪

ଦିଗମ୍ବର ପାତ୍ର